# କୋଭିଡର ସ୍ଥିତି ସମୀକ୍ଷା କଲେ ଜିଲ୍ଲାପାଳ -

## ପ୍ରତି ଗାଁ ଓ ୱାର୍ଡରେ କୋଭିଡ ମନିଟର ନିୟୋଜିତ ହେବେ ।

ଅନୁଗୋଳ ଜିଲ୍ଲାରେ କୋଭିଡର ସ୍ଥିତି ଦିନକୁ ଦିନ ଜଟିଳ ହେଉଥିବାରୁ ଏହାର ନିୟନ୍ତ୍ରଣ ନିମନ୍ତେ ପ୍ରତ୍ୟେକ ଦିନ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରୁଛନ୍ତି । ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲ୍ଲାପାଳ ପ୍ରତି ଗାଁ ଓ ୱାର୍ଡରେ କୋଭିଡ ମନିଟର ନିୟୋଜିତ କରିବାକୁ ପରାମର୍ଶ ଦେଇଛନ୍ତି । ଲକ୍ଷଣଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ଜିଲ୍ଲା ପ୍ରଶାସନକୁ ନିୟମିତ ଜଣାଇଲେ ପ୍ରଶାସନ ତରଫରୁ ପ୍ରତିଷେଧକ ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି । Enforcementକୁ ତ୍ୱରାନ୍ୱିତ ଭାବେ କରିବାକୁ ପରାମର୍ଶ ଦିଆଯାଇଛି । ବର୍ତ୍ତମାନ ସୁଦ୍ଧା ମାସ୍କ ନ ପିନ୍ଧିବା ଓ ସାମାଜିକ ଦୂରତା ଅବଲମ୍ବନ କରି ନଥିବା ବ୍ୟକ୍ତି ଓ ଅନୁଷ୍ଠାନ ଠାରୁ ୭ ଲକ୍ଷରୁ ଊର୍ଦ୍ଧ୍ୱ ଜୋରିମନା ଆଦାୟ ହୋଇଛି । ୧୪ ଦିନ ମଧ୍ୟରେ ଯେଉଁ ଗାଁ ଓ ୱାର୍ଡରେ କରୋନା ପଜିଟିଭ ଦେଖା ଦେଇଛି ସେହି ଗାଁ ଓ ୱାର୍ଡକୁ ରେଡ୍ ଭିଲେଜ ଘୋଷଣା କରାଯାଇ ଜିଲ୍ଲା ପ୍ରଶାସନ ତରଫରୁ ଯୁଦ୍ଧକାଳିନ ଭିତ୍ତିରେ ବ୍ୟାପକ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଉଛି । ବର୍ତ୍ତମାନ ସୁଦ୍ଧା ୨୯୭ଟି ଗାଁକୁ ରେଡ୍ ଭିଲେଜ ଘୋଷଣା କରାଯାଇଛି । କରୋନାରେ ଗୁରୁତର ଆକ୍ରାନ୍ତ ରୋଗୀମାନେ ତୁରନ୍ତ ନିକଟସ୍ଥ ଡାକ୍ତରଙ୍କ ସହ ପରାମର୍ଶ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱଆରୋପ କରିଛନ୍ତି । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲିପ କୁମାର ସାହୁ, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ଅଭୟ କୁମାର ଦାଶ ଓ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।**

ଜ୍ଞାପକ ସଂଖ୍ୟା. ୬୫୯ ତା.୦୧.୧୦.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ


Succession List Of
District Magistrate & Collectors
Angul(Odisha)
SL NO
NAME
PERIOD
FROM
TO
1 Sri Dwijabar Kanungo,
2 Sri Prashant Ku. Nayak,
3 Sri Niten Chandra,
4 Sri Kulumani Rout
5 Sri Gopinath Mohanty
6 Sri L.N. Gupta
7 Sri Nikunja Bihari Dhal
8 Sri Arabinda Ku. Padhee
9 Sri Bandhu Bilhor
10 Sri Suresh Kumar Vashishth
11 Sri Girish S.N.
12 Sri D.Senapati
13 Sri D.V.Swamy
14 Sri Siba P.Misra
15 Sri Aravind Agrawal
16 Sri Ranjit Kumar Mohanty
17 Sri Sachin R. Jadhav
18 Sri Anil Kumar Samal
19 Sri Manoj Kumar Mohanty
20 Sri Siddharth Shankar Swain,IAS
GOVERNMENT OF ODISHA
2020

